## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ରବିବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୩୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତ ଛେଣ୍ଡିପଦା ବ୍ଲକର। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୪ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆଜି କ'ଣ କେଉଁଠି

- ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଗଣ ଅନଶନ। ସ୍ଥାନ- ଜିଲାପାଳଙ୍କ ମୁଖ୍ୟ ଫାଟକ। ସମୟ- ପୂର୍ବାହ୍ନ ୧୦ ଘଟିକା

## ୩ ଲୁଟେରା କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୨୧।୨:** ଅନୁଗୋଳ ସଦର ଥାନା ରନ୍ତଲେଇ ଅଞ୍ଚଳରେ ରାଜପଥ ଲୁଟେରାଙ୍କୁ କାବୁ କରିଛି ପୋଲିସ। ବିଳମ୍ବିତ ରାତିରେ ପଥର ମାରି ଗାଡ଼ିରୁ ଲୁଟୁଥିବା ୩ ଜଣିଆ ଲୁଟେରା ଗ୍ୟାଙ୍ଗକୁ ସଦର ଥାନାର ଏସ୍ଆଇ ତୁଷାରକାନ୍ତ ମହାନ୍ତି କାବୁ କରିଛନ୍ତି। ଏ ନେଇ ୩ ଜଣଙ୍କ ବିରୋଧରେ ନଂ. ୮୮/୨୧ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି। ଧରାପଡ଼ିଥିବା ଲୁଟେରାମାନେ ହେଲେ ରନ୍ତଲେଇ ଅଞ୍ଚଳର ବାପି ସେନାପତି, କାଳିଆ ନାଏକ ଓ ଅନିଲ ନାଏକ। ତାଙ୍କ ନିକଟରୁ ଏକ ସ୍କୁଟି (ନଂ. ଓଡି଼୧୯କ୍ୟୁ-୯୮୮୭) ଓ ନଗଦ ୨୪୬୦ ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ରାଜପଥରେ ପଥର ଧରି ଲୁଟେରା ଗ୍ୟାଙ୍ଗ ଉତ୍ପାତ କରୁଥିଲେ। ଏକ ପରିବା ଗାଡ଼ିକୁ ପ୍ରଥମେ ଲୁଟିବାକୁ ଉଦ୍ୟମ କରିଥିଲେ। ପାଟ୍ରୋଲିଂ କରୁଥିବା ସଦର ଥାନା ପୋଲିସକୁ ପରିବା ଗାଡ଼ି ଚାଳକ ଏ ନେଇ ସୂଚନା ଦେବା ପରେ ଏସ୍ଆଇ ମହାନ୍ତି ଘଟଣାସ୍ଥଳକୁ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ। ଏହି ସମୟରେ ଏକ ଟ୍ରକ୍କୁ ଲୁଟେରାମାନେ ଟଙ୍କା ମାଗୁଥିବା ଦେଖିବାକୁ ପାଇଥିଲେ। ପୋଲିସକୁ ଦେଖି ଲୁଟେରାମାନେ ଚକ୍‌ମା ଦେଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସଦର ପୋଲିସ ସମସ୍ତଙ୍କୁ କାବୁ କରିଥିଲା।

## ୭୫ ତମ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବଇଣ୍ଡା,୨୧।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଡେବେରାପାଲି ଗ୍ରାମରେ ହେଉଥିବା ଦୁର୍ଗାପୂଜାର ଚଳିତ ବର୍ଷ ୭୫ ତମ ଜୟନ୍ତୀ ପାଳନ ପାଇଁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଗ୍ରାମବାସିନ୍ଦା ତଥା ବୌଦ୍ଧ ଜିଲାପାଳ ଲାଲଟେନ୍ଦୁ ମିଶ୍ର, ଦୁର୍ଗା ଚରଣ ମିଶ୍ର, କୈଳାଶ ମିଶ୍ର, ବିପିନୀ ମିଶ୍ର, ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ।

## କୋଶଳା ଚାମ୍ପିୟନ

କଣିହାଁ,୨୧।୨(ଡି.ଏନ.ଏ.)-କଣିହାଁ ବ୍ଲକ ମହକୁମା ଆର୍‌ଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଟୋଲକବେଡ଼ା ଗ୍ରାମ ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ତରଫରୁ ଚାଲିଥିବା



କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମା' ରାମଚଣ୍ଡି ଫାଇଟର କୋଶଳା ଓ ସିଦ୍ଧେଶ୍ୱର ୱାରିୟର୍ସ ଗଦାଶୀଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଶଳା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କୁମୁଣ୍ଡା ସରପଞ୍ଚ ବିରଞ୍ଚି ନାରାୟଣ ସାହୁ, ବିଡିଓ ରମେଶ କୁମାର ଜେନା, ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଟ୍ରଷ୍ଟ ସଭାପତି ସୌରଭ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୧।୨:** ଅନୁଗୋଳ ସହରରେ ଥିବା ଏକ ମଲରୁ ଚୋରି ଅଭିଯୋଗରେ ଉତ୍ତରପ୍ରଦେଶର ରାମୁ ସିଂହ(୪୬) ଗିରଫ ହୋଇଛନ୍ତି। ବ୍ୟବସାୟୀଙ୍କ ଲିଖିତ ଅଭିଯୋଗ ପରେ ଅନୁଗୋଳ ପୋଲିସ ନଂ. ୧୦୧/୨୧ରେ ମାମଲା ରୁଜୁ କରି ରାମୁଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ସୂଚନାଯୋଗ୍ୟ, ସହରର ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ଶନିବାର ପୂର୍ବାହ୍ନରେ ରାମୁ ଯାଇଥିଲେ। ଦୋକାନରେ ବୁଲାବୁଲି ସମୟରେ ସାବୁନ୍, ସାମ୍ପୋ, ବଡି ଲୋସନ୍ ଆଦି ନିଜ ପ୍ୟାଣ୍ଟ ପକେଟ୍‌ରେ କୌଶଳକ୍ରମେ ରଖିଥିଲେ। ଏ ନେଇ ବ୍ୟବସାୟୀ ଜାଣିବା ପରେ ତାଙ୍କୁ ଅଟକ ରଖିଥିଲା। ପାଖାପାଖି ୩ ହଜାର ଟଙ୍କାର ସାମଗ୍ରୀ ରାମୁ ଚୋରି କରିଥିବା ବ୍ୟବସାୟୀ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। ଏଏସ୍ଆଇ ଜୟଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଟାର୍ଗେଟକୁ ନେଇ ଟୋକନଧାରୀ ଅସନ୍ତୁଷ୍ଟ

ଅନୁଗୋଳ ଅଫିସ, ୨୧।୨



- ଦ୍ୱିତୀୟ ପର୍ଯ୍ୟାୟରେ ମାତ୍ର ୧୪ ହଜାର କୁଇଣ୍ଟାଲ ଧାର୍ଯ୍ୟଲକ୍ଷ୍ୟ
- ଲକ୍ଷାଧିକ କୁଇଣ୍ଟାଲ ଧାନ ରଖିଛନ୍ତି ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ
- ପ୍ରଥମ ଦଫାରେ ଅଣଚାଷୀ ଲାଭ ନେଇଥିବା ଅଭିଯୋଗ

ଚାଷୀଙ୍କଠାରୁ ଧାନ କିଣିବାକୁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା ହୋଇଛି। କେତେ ଅନ୍ନଦାତା କେତେ ଜମିରେ କରିଥିବା ଫସଲ ବିକ୍ରି କରିବେ ସେ ନେଇ ସରକାରଙ୍କୁ ତଥ୍ୟ ପ୍ରଦାନ କରାଯାଉଛି। ପଞ୍ଜୀକୃତ କୃଷକଙ୍କ ତାଲିକାକୁ ଦେଖି ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଟାର୍ଗେଟ ଦିଆଯାଉଥିବା ବେଳେ ସେହି ଅନୁଯାୟୀ ଟୋକନ ପ୍ରଦାନ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଟୋକନ ପାଇଥିବା ଚାଷୀ ଧାନ ନେଇ ମଣ୍ଡିରେ ପହଞ୍ଚିଲା ବେଳକୁ ସରକାରୀ ଟାର୍ଗେଟ୍ ପୂରଣ ହୋଇଯାଇଥିବା କୁହାଯାଉଛି। ଅନୁଗୋଳ ଜିଲାରେ ପ୍ରଥମ ଦଫାରେ ଧାନ ବିକ୍ରି କରିପାରି ନ ଥିବା ୧୨ ହଜାରରୁ ଅଧିକ ଚାଷୀ ଦ୍ୱିତୀୟ ଟାର୍ଗେଟ୍‌କୁ ଚାହିଁ ବସିଛନ୍ତି। ହେଲେ ସରକାରଙ୍କ ପକ୍ଷରୁ ମାତ୍ର ୧୪ ହଜାର କୁଇଣ୍ଟାଲ ଉଠାଯିବାକୁ ସ୍ଥିର କରାଯାଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଯୋଗାଣ ବିଭାଗ ପକ୍ଷରୁ ଜିଲାରେ ମୋଟ୍ ୯୪ଟି ମଣ୍ଡି କରାଯାଇଛି। ଏଥିରେ ୩୫ ହଜାର ୫୯୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୮ଲକ୍ଷ ୬୯ ହଜାର ୧୧୭ କୁଇଣ୍ଟାଲ ଧାନ କିଣାଯିବ ବୋଲି ଯୋଗାଣ ବିଭାଗ ଧାର୍ଯ୍ୟ କରିଥିଲା। ୨୩ ହଜାର ୩୪୧ ଚାଷୀଙ୍କ ନିକଟରୁ ଧାନ ଉଠାଯାଇଥିଲା। ଆହୁରି ୧୨ ହଜାରରୁ ଅଧିକ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାରୁ ମାତ୍ର ୧୪ ହଜାର କୁଇଣ୍ଟାଲ ଧାନ କିଣିବାକୁ ସରକାର ଟାର୍ଗେଟ ଦେଇଛନ୍ତି। ଏହା ଟୋକନଧାରୀମାନଙ୍କୁ ନିରାଶ କରିଛି। ଏଥିରେ ଅନୁଗୋଳ ଓ ବଆଁରପାଳ ବ୍ଲକର ଅଧିକ ଚାଷୀ ନ ଥିବାବେଳେ ତାଳଚେର ଓ ଛେଣ୍ଡିପଦା ବ୍ଲକର ଅଳ୍ପ ଏବଂ କଣିହାଁ, ପାଲଲହଡ଼ା, ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଅଧିକ ଚାଷୀ ରହିଛନ୍ତି। ଏସବୁ ବ୍ଲକରେ ଥିବା ବହୁ ସମବାୟ ସମିତିରେ ଅସନ୍ତୁଷ୍ଟ ଚାଷୀମାନେ ତାଲା ପକାଇ ସାରିଛନ୍ତି। କେତେକ ସମିତି ଆଗରେ ଧାନବସ୍ତା ସହ ଧାରଣା ଦେଇଛନ୍ତି। ତଥାପି ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ଜିଲା ଯୋଗାଣ ବିଭାଗର ଖାମଖିଆଲ ନୀତି ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, କେତେକ ଅଞ୍ଚଳର ଚାଷୀ ଦୁଇ ଥର ଲେଖାଏ ଟୋକନ୍ ପାଇ ଧାନ ବିକ୍ରି କରିସାରିଛନ୍ତି। କିନ୍ତୁ ଅନେକଙ୍କଠାରୁ ଏଯାଏ ଥରୁଟିଏ ଧାନ ସଂଗ୍ରହ କରାଯାଇ ନାହିଁ। କିଛି ମଣ୍ଡିରେ ମାସ୍ (ମିଲର୍ସ ଅଥରିଟି ସ୍ଲିପ୍) ନ ଥିବା ଦର୍ଶାଇ ଟୋକନ୍‌ଧାରୀଙ୍କ ଠାରୁ ମିଲରମାନେ ଧାନ ଗ୍ରହଣ କରୁନାହାନ୍ତି। କେତେକ ମଣ୍ଡିରେ ଧାନ କିଣା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଟୋକନ ପାଇଥିବା ସମସ୍ତ ଚାଷୀ ଧାନ ବିକ୍ରି କରି ନ ଥିଲେ ମଧ୍ୟ ଟାର୍ଗେଟ୍ ପୂରଣ ହୋଇଥିବା ଯୋଗାଣ ବିଭାଗ କିପରି କହୁଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ତେଣୁ ପ୍ରଥମ ଦଫାରେ ଅନୁଗୋଳ ଜିଲାରେ ବହୁ ଅଣଚାଷୀ ଧାନ ବିକ୍ରି କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଦଲାଲମାନେ ଗାଁ ଗାଁ ବୁଲି ସରକାର ଆଉ ଧାନ କିଣିବେ ନାହିଁ କହି କୁଇଣ୍ଟାଲ ପିଛା ୧୨ଶହ ଟଙ୍କା ଦେଇ ଧାନ ଉଠାଉଛନ୍ତି। ଏଥିଯୋଗୁ ଚାଷୀ ହଜାର ହଜାର ଟଙ୍କା କ୍ଷତି ସହୁଛନ୍ତି। ଖମାରରେ ଜଣେ ବ୍ୟବସାୟୀ ଧାନ ବିକ୍ରି କରୁଥିବାବେଳେ ପ୍ରଶାସନର ବରିଷ୍ଠ ଅଧିକାରୀ ଧରିଥିଲେ। କିନ୍ତୁ ତାଙ୍କ ବିରୋଧରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଏହା ସନ୍ଦେହ ସୃଷ୍ଟି କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

### ଆଗାମୀ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ



"ଅନୁଗୋଳ ଜିଲାରେ ବହୁ ଦଲାଲ ଓ ବ୍ୟବସାୟୀ ଧାନ ବିକ୍ରି କରୁଛନ୍ତି। ଚାଷୀମାନେ ଟୋକନ ଧରି ଘରେ ବସିଛନ୍ତି। ତଥାପି ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ଜିଲାରେ ପୂରଣ ହୋଇଥିବାରୁ ଏଥିରେ ବ୍ୟାପକ ଅନିୟମିତତା ହୋଇଛି। ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହିଥିବାରୁ ଆଗାମୀ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ।

-ଦିଲେଶ୍ୱର ପ୍ରଧାନ, ଜିଲା ଭାଜପା ସଭାପତି

### ଜମି ନ ଥିବା ଲୋକ ଧାନ ବିକ୍ରି କରୁଛନ୍ତି



"ପାଲଲହଡ଼ା ଅଞ୍ଚଳରେ ଜମି ନ ଥିବା ଲୋକମାନେ ମଣ୍ଡିରେ ଧାନ ବିକ୍ରି କରୁଛନ୍ତି। ବହୁ ଚାଷୀ ଟୋକନ୍ ପାଇଥିଲେ ମଧ ଧାନ ବିକ୍ରି କରିପାରୁନାହାନ୍ତି। ଅମଳ ଫସଲ ଧରି ମଣ୍ଡିରେ ପହଞ୍ଚିଥିବା ଚାଷୀଙ୍କଠାରୁ ସମିତି ସମ୍ପାଦକ ତାହା କିଣୁ ନ ଥିବାବେଳେ ଅଣଚାଷୀ କିଭଳି ଏହା ବିକ୍ରି କରିପାରୁଛନ୍ତି ତାହାର ତଦନ୍ତ ଜରୁରୀ।

-ନୀଳାମ୍ବର ସାମଲ, ଚାଷୀ, ପାଲଲହଡ଼ା

### ବସ୍ତା ବାବଦ ଟଙ୍କା ପ୍ରଦାନ କରାଯାଉନାହିଁ



"ଚାଷୀଙ୍କୁ ସମସ୍ୟାରେ ପକାଇବାକୁ ମଣ୍ଡିର ସମ୍ପାଦକମାନେ ଶପଥ ନେଇଛନ୍ତି। ଚାଷୀମାନେ ଟୋକନ୍ ପାଇବା ପରେ ବସ୍ତା ବଜାରରୁ କିଣି ଧାନ ବିକ୍ରି ପାଇଁ ନେଇଥାନ୍ତି। କିନ୍ତୁ ମଣ୍ଡିରେ ସେମାନଙ୍କୁ ବସ୍ତାର ମୂଲ୍ୟ ପ୍ରଦାନ କରାଯାଉ ନାହିଁ। ସରକାର ବସ୍ତା ବାବଦକୁ ୨୨ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଲୋକଙ୍କୁ ଏହା ପ୍ରଦାନ କରାଯାଉ ନାହିଁ।

-ବିଜୟ ମାଝି, ଚାଷୀ, ଆମ୍ବପାଳ ନଡ଼ତା

### ଯୋଗାଣ ବିଭାଗର ଅପାରଗତାରୁ ସମସ୍ୟା



"ହାତରେ ଟୋକନ ଥିଲେ ମଧ ଚାଷୀ ଧାନ ବିକ୍ରି କରିପାରୁନାହାଁନ୍ତି। ଧାନ ମଣ୍ଡିକୁ ନେଇ ରାତିରେ ଶୀତ କାକରରେ ପଡ଼ି ରହୁଛୁ। ସମିତି ସମ୍ପାଦକ ଟାର୍ଗେଟ ପୂରଣ ହୋଇଯାଇଛି ଓ ମାସ୍ ଆସି ନାହିଁ ବୋଲି କହୁଛନ୍ତି। ଏହାକୁ ଯୋଗାଣ ବିଭାଗ ତଦାରଖ କରିବା କଥା। କିନ୍ତୁ ତାହା ହେଉ ନ ଥିବାରୁ ବିଭାଗର ଅପାରଗତା ପଦାରେ ପଡ଼ିଛି।

-ପ୍ରମୋଦ ଦେହୁରୀ, ଚାଷୀ, ମାଧପୁର

### ଟାର୍ଗେଟ ପୂରଣ ହୋଇଥିବାରୁ ସମସ୍ୟା



"ଜିଲାରେ ଯେତିକି ଧାନ କିଣିବାକୁ ଟାର୍ଗେଟ ଥିଲା ତାହା ପୂରଣ ହୋଇଛି। ତେବେ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୪ ହଜାର କୁଇଣ୍ଟାଲ ନୂଆ ଟାର୍ଗେଟ ଆସିଛି। ଏହାକୁ ଜିଲାର ୯୪ଟି ମଣ୍ଡିକୁ ଭାଗ କରି ପ୍ରଦାନ କରାଯିବ। ଜିଲାରେ ଅଧିକ ଧାନ ରହୁଥିବାରୁ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ସରକାରଙ୍କୁ ଆଉ ଟାର୍ଗେଟ ଦେବାକୁ ପାଇଁ ଅନୁରୋଧ କରାଯିବ। ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡରେ ଥିବା ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି।

-ଶ୍ରୀନିବାସ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ, ଅନୁଗୋଳ

## ବୋଲେରୋ-ବାଇକ୍ ଧକ୍କା: ୧୦ ଗୁରୁତର

ଛେଣ୍ଡିପଦା,୨୧।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସୀମାନ୍ତ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଛେଣ୍ଡିପଦା-ବୁଢ଼ାପାଳ ରାସ୍ତାର ଟିକିରା ନଦୀ ପୋଲ ଶନି ମନ୍ଦିର ନିକଟରେ ରବିବାର ଏକ ବୋଲେରୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିରେ ଥିବା ୧୦ ଜଣ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ବାରକୋଟ କଣ୍ଡାଳ ଅଞ୍ଚଳର ଏକ ବୋଲେରୋରେ ଚାଳକଙ୍କ ସମେତ ୭ଜଣ ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରୁ ନିର୍ବନ୍ଧ କାର୍ଯ୍ୟ ସାରି ବାରକୋଟ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକରେ ଯାଉଥିବା ଛେଣ୍ଡିପଦା ଥାନା ପାଟକୁମୁଣ୍ଡା ଗ୍ରାମର ବୁଲୁ ପ୍ରଧାନ, ଶୁକ୍ଲାମ୍ବର ରାଉଳ ଓ ସରପାଳ ଗ୍ରାମର ସାଗର ସାହୁ ଗୁରୁତର ହୋଇଥିଲେ। ସେହିପରି ବୋଲେରୋ ଚାଳକ ବାରକୋଟ ଥାନା ଭାଲୁପାଲି ଗ୍ରାମର ପ୍ରସନ୍ନ ମୁଣ୍ଡା, ତପନ ପ୍ରଧାନ, କଟକ ସାହୁ, ଶ୍ରଦ୍ଧାଳି ସାହୁ, ଗୁଡୁ ପ୍ରଧାନ, କେଶବ ପ୍ରଧାନ ଗୁରୁତର ହୋଇଥିଲେ। ଅନ୍ୟଜଣେ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ। କୁଣ୍ଢେଇଗୋଳା ପୋଲିସ ପହଞ୍ଚି ଗୁରୁତରଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ବସ୍ ସହ ବାଇକ୍ ଧକ୍କା, ଜଣେ ମୃତ

ଅନୁଗୋଳ ଅଫିସ, ୨୧।୨




ଦୁର୍ଘଟଣା ଘଟାଇଥିବା ବସ୍।

ଅନୁଗୋଳ ସଦର ଥାନା ମୂଷାପାପୁଲି ନିକଟ ଜାତୀୟ ରାଜପଥ ନମ୍ବର ୫୫ରେ ରବିବାର ଏକ ବସ୍ ସହ ମୋଟରସାଇକେଲ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଏକଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଫଳରେ ଚାପା ଉତ୍ତେଜନା ଦେଖାଦେବାରୁ ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ପହଞ୍ଚି ବୁଝାସୁଝା କରିଥିଲେ। କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୁ ହଟିଯାଇଥିଲେ। ସଦର ପୋଲିସ ବସ୍ ଜବତ କରିଥିବାବେଳେ ଗାଡ଼ି ଚାଳକଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସଦର ଥାନା ହରିବେରେଣୀ ଗ୍ରାମର ସତ୍ୟାନନ୍ଦ ନାଏକ(୨୭) ଓ ଶୁକ୍ରୁ ନାଏକ(୨୪) ଘରେ ମେଳା ଆୟୋଜନ ପାଇଁ ଅନୁଗୋଳକୁ ସାମଗ୍ରୀ କିଣିବାକୁ ମୋଟର ସାଇକେଲ (ନଂ. ଓଡି଼୧୯ଆର୍-୩୦୭୧)ରେ ଯାଉଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଏକ ବସ୍ (ନଂ. ଓଆର୧୩ସି-୧୫୬୭) ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ସତ୍ୟାନନ୍ଦ ଓ ଶୁକ୍ରୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ମେଡିକାଲରେ ସତ୍ୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ ତ୍ରିପାଠୀ କହିଛନ୍ତି, ଏ ନେଇ ଏକ ମାମଲା ୮୯/୨୧ ରୁଜୁ କରାଯାଇଛି। ଗାଡ଼ି ଜବତ କରାଯାଇଥିବାବେଳେ ଚାଳକଙ୍କୁ ଅଟକ ରଖାଯାଇଛି। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଜାତୀୟ ରାଜପଥ ଅବରୋଧ ହଟିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଯୁବକଙ୍କ ମୃତଦେହ ଜବତ

ଛେଣ୍ଡିପଦା,୨୧।୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ବାଗଡିଆ ବଡଯୋରାସାହି ଭିତରେ ଥିବା ଏକ କୂଅରୁ ରବିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ସାହିର ଧନୁର୍ଜୟ ବେହେରାଙ୍କ ପୁଅ ମନ୍ତ୍ରୀବର ବେହେରା। ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ସହ କୌଣସି କାରଣରୁ ମନ୍ତ୍ରୀବରଙ୍କ ଝଗଡା ହୋଇଥିଲା। ପରେ ସେ ଘର ପାଖ କୂଅ ନିକଟରେ ବସିଥିଲେ। ତେବେ କିଛି ସମୟ ପରେ ପୁଅ ସେଠାରେ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କୂଅରେ ପଡିଯାଇଥିବା ସନ୍ଦେହ କରି ଛେଣ୍ଡିପଦା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କୂଅ ଭିତରୁ ମନ୍ତ୍ରୀବରଙ୍କ ମୃତଦେହ ବାହାର କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ନୂତନ ଗୃହ ନିର୍ମାଣ ଭୂମିପୂଜା

ବଇଣ୍ଡା,୨୧।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଭୂମି ପୂଜା ରବିବାର ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପାଣ୍ଠିରୁ ଏଥିପାଇଁ ୨ କୋଟି ୯୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଏହି ଭୂମି ପୂଜା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା ସହ ଭିତ୍ତିଭୂମିର ବିକାଶ କରୁଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ନେତା ତଥା ଦଳର ସମ୍ବଲପୁର ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଶିକ୍ଷକ ସମାଜ ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସରପଞ୍ଚ ଜଳଧର ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ବିଜେଡି ନେତା ସୁନୀଲ ପ୍ରଧାନ, ତପନ ପ୍ରଧାନ, ଅର୍ଜୁନ ସାହୁ, ଅଧାପିକା ସବିତା ପଟ୍ଟନାୟକ, ଅଧାପକ ଅସିତ ଜେନାଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ଅଧାପକ କାଳନ୍ଦୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଭୂମି ପୂଜା କାର୍ଯ୍ୟରେ ଯୋଗ ଦେଇଥିବା ଅତିଥିମାନେ।

## ଅଲେଖ ମହିମା ଧ୍ୱନିରେ କମ୍ପିଲା କୁଲାଡ଼

ବଆଁରପାଳ,୨୧।୨(ଡି.ଏନ.ଏ.)

ବଆଁରପାଳ ବ୍ଲକ କୁଲାଡ଼ ମହିମା ଟୁଙ୍ଗିରେ ବାର୍ଷିକ ବାଲ୍ୟ ଲୀଳା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଶୂନ୍ୟ ମନ୍ଦିର ପରିସରରେ ୨୧ ଶାଖା ଅଖଣ୍ଡ ବତୀ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିମା ଗାଦିର ବାବା ଯଶୋବନ୍ତ ଦାସ, ଶେଷଦେବ ଦାସ, ଜ୍ଞାନୀ ଦାସ, ବୈଷ୍ଣବ ଦାସ, ରବି ଦାସ ପ୍ରମୁଖ ଯୋଗଦେଇ ଝାଡ଼ବତୀ ଓ ଧୋନିରେ ଘୃତାହୁତି ପ୍ରଦାନ କରି ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ନିମନ୍ତେ ଅଲେଖ ମହିମା ଡାକ ଦେଇଥିଲେ। ସେହିପରି ପାର୍ଶ୍ୱବର୍ତ୍ତୀ ଗ୍ରାମ ବନ୍ଧାଖଲି, ବେରଣୀ, ଅଙ୍ଗାରବନ୍ଧ, ନରେନ୍ଦ୍ରପୁର ଆଦି ଗ୍ରାମର ଭଜନମଣ୍ଡଳୀ ବେଢ଼ା ପରିକ୍ରମା କରିବା ସହ ଭଜନ ପରିବେଷଣ କରିଥିଲେ। ଅଲେଖ ମହିମା ଧ୍ୱନିରେ ସମଗ୍ର ଅଞ୍ଚଳରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହିମା ସମାଜର କର୍ମକର୍ତ୍ତା ପ୍ରେମାନନ୍ଦ ସେଠ, ଭୂତେଶ ଚନ୍ଦ୍ର ଜେନା, ପରେଶ ଚନ୍ଦ୍ର ଜେନା, କରୁଣାକର ସେଠ, କାର୍ତ୍ତିକ ସେଠ, ବୈରାଗୀ ସେଠ, ଗଙ୍ଗାଧର ସେଠ, ମନୋଜ ଜେନା, ପ୍ରଣବ ଜେନା, ପୃଥୀରାଜ ଜେନା, ସୁଜିତ୍ ସେଠ, ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ବାଲ୍ୟ ଲୀଳା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

# ମାଲ୍ୟଗିରି ମିନି ମାରାଥନ



ବିଧାୟକ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ପାଲଲହଡା,୨୧।୨(ଡି.ଏନ.ଏ.)

ମାଲ୍ୟଗିରି ମହୋତ୍ସବ ପାଳନ କମିଟି ଏବଂ ଯୁବ ସଙ୍ଗଠନ ୟୁଥ୍ ଫର ପାଲଲହଡା ପକ୍ଷରୁ ରବିବାର ମାଲ୍ୟଗିରି ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡା ତଥା ଅଖାପାଖ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ସ୍ଥାନୀୟ ପେଣ୍ଡେରାବସାସ୍ଥିତ ଗାନ୍ଧୀ ମନ୍ଦିରଠାରେ ବିଧାୟକ ମୁକେଶ କୁମାର ପାଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗାନ୍ଧୀ ମନ୍ଦିରଠାରୁ ଜାତୀୟ ରାଜପଥ ୧୪୯ରେ ପ୍ରତିଯୋଗୀମାନେ ୪ କିଲୋମିଟର ଦୌଡ଼ି ସ୍ଥାନୀୟ ଶାସନ ସାହି ଛକ ଗୋପବନ୍ଧୁ ପାର୍କ ନିକଟରେ ପହଞ୍ଚିଥିଲେ। ଏହି ମାରାଥନରେ ପାଲଲହଡା ଆଦର୍ଶ ବିଦ୍ୟାଳୟର ଛାତ୍ର ସାନୁ ସାମୱାଡ ପ୍ରଥମ, ସୁବୋଧ ବାନରା ଦ୍ୱିତୀୟ ଏବଂ ନିରଞ୍ଜନ ଦରାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାଲ୍ୟଗିରି ମହୋତ୍ସବରେ ସମ୍ମାନିତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଶେଷରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଧାୟକ ପାଲ କାର୍ଯ୍ୟକ୍ରମକୁ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନର ବହୁ ଅଧିକାରୀଙ୍କ ସହ ୟୁଥ୍ ଫର ପାଲଲହଡା ସଭାପତି ଦିବ୍ୟକିଶୋର ଗଡ଼ନାୟକ, ସମ୍ପାଦକ ହିମାଂଶୁ ଶେଖର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ୨୪ରେ ବ୍ଲକ ଅଫିସ ଘେରାଉ

ବଇଣ୍ଡା,୨୧।୨(ଡି.ଏନ.ଏ.)

କିଶୋରନଗର ବ୍ଲକର ବିଭିନ୍ନ ମଣ୍ଡି ପକ୍ଷରୁ ଟୋକନ ଦିଆଯାଇଥିଲେ ମଧ୍ୟ ଧାନ କିଣାଯାଉ ନ ଥିବା ପ୍ରତିବାଦରେ ଆସନ୍ତା ୨୪ ତାରିଖରେ ବ୍ଲକ ଘେରାଉ କରାଯିବ ବୋଲି କିଶାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମଏସ) ପକ୍ଷରୁ ରବିବାର ଚେତାବନୀ ଦିଆଯାଇଛି। ଏ ନେଇ ଜଏରାଟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରମଣି ରଞ୍ଜନ ପ୍ରଧାନ, ପିତାମ୍ବର ପ୍ରଧାନ, ରବୀନ୍ଦ୍ର କୁମାର ସାହୁ, ବାବାଜୀ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ଚାଷୀମାନେ ଅମଳ ଧାନ ବିକ୍ରି ପାଇଁ ଆଣୁଥିଲେ ମଧ୍ୟ ବିକ୍ରି କରିପାରୁନାହାନ୍ତି। ଫଳରେ ବହୁ କୁଇଣ୍ଟାଲ ଧାନ ଗଦା ହୋଇରହିଥିଲେ ମଧ୍ୟ କିଣିବାକୁ ମିଲରମାନେ ଅମଙ୍ଗ ହେଉଛନ୍ତି। ଏପରିକି ଚାଷୀମାନେ ହିମିତିରା, ବାମୁର, ଅଙ୍ଗପଡା, ସୋସାଇଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା।

## ଦନ୍ତା ଆକ୍ରମଣରେ ଯୁବକ ଗୁରୁତର

କାମାକ୍ଷାନଗର, (ଡି.ଏନ.ଏ.): ପରଜଙ୍ଗ ଥାନା ମହାବିରୋଡ ରେଞ୍ଜ ଡିହଡୋଳ ବିଟ୍ ଅଧୀନ କନ୍ଦରସିଂହା ଗ୍ରାମର ଜଗବନ୍ଧୁ ନାଏକ (୪୩) ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ବାଇକ୍‌ରେ ଘରକୁ ଆସୁଥିବାବେଳେ ଏକ ଦନ୍ତା ପଛପଟୁ ଆସି ବାଇକ୍‌କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଏଥିରେ ତାଙ୍କ ତାଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଛାତିରେ ଆଘାତ ଲାଗିଛି। ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଲୋକଲୋଚନକୁ ଆସିବ ଲୁପ୍ତପ୍ରାୟ ସଂସ୍କୃତି


ଅତିଥିମାନେ 'ସୃଜନୀ' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜନଜାତି ସମ୍ପ୍ରଦାୟର ଲୋକେ।

ଢେଙ୍କାନାଳ ଅଫିସ, ୨୧।୨

- ଜନଜାତି ସଂଗ୍ରହାଳୟ ଉଦ୍‌ଘାଟିତ
- ଉନ୍ମୁକ୍ତ ହେବ ଗବେଷଣାର ଦିଗ
- ପ୍ରଦର୍ଶିତ ହେବ ବିଭିନ୍ନ ଉପକରଣ

ଢେଙ୍କାନାଳ ଜିଲାର ଲୁପ୍ତପ୍ରାୟ ଆଦିବାସୀ ସଂସ୍କୃତି, ପରମ୍ପରାକୁ ପୁନର୍ଜୀବିତ କରାଇବାକୁ ଆରମ୍ଭ ହୋଇଛି ପ୍ରୟାସ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ରବିବାର ସ୍ଥାନୀୟ ବଳରାମ ମନ୍ଦିର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଲୋକାର୍ପିତ ହୋଇଛି 'ଜନଜାତି ଶିକ୍ଷା ସାଧନ କେନ୍ଦ୍ର ଓ ସଂଗ୍ରହାଳୟ'। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଜିଲାର ଜନଜାତି ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା ଲୋପ ପାଇବାରେ ଲାଗିଛି। ସମୟ ଆସିଛି ଏହାକୁ ଆମେ ସମସ୍ତେ ବଞ୍ଚାଇ ରଖିବା। ଏହି ସଂଗ୍ରହାଳୟ ମାଧ୍ୟମରେ ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ଜୀବନ୍ତରୂପ ଦିଆଯାଇଛି। ଏହାଦ୍ୱାରା ଗବେଷଣାର ଦିଗ ଉନ୍ମୁକ୍ତ ହେବ। ଛାତ୍ରୀଛାତ୍ର, ଗବେଷକ ଏବଂ ଜନସାଧାରଣ ଅନେକ ବିଷୟରେ ଜାଣିବାକୁ ପାଇବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ସଚ୍ଚିଦାନନ୍ଦ ସାହୁ କହିଲେ, ଆଦିବାସୀଙ୍କ ଭାଷା, ସଂସ୍କୃତି ଲୋକଲୋଚନକୁ ଆଣିବାକୁ ଏହା ଏକ ବଳିଷ୍ଠ ପଦକ୍ଷେପ। ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର କହିଲେ, ଆଗାମୀ ଦିନରେ ସଂଗ୍ରହାଳୟକୁ ଆହୁରି ଆକର୍ଷଣୀୟ କରାଯିବ। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଲେ, ଜନଜାତିଙ୍କ ଜୀବନଶୈଳୀ, ଭାଷା, ପ୍ରଥା, ପରମ୍ପରା, ପର୍ବପର୍ବାଣି, ନୃତ୍ୟଗୀତ ମାଧ୍ୟମରେ ଜାଣିବାକୁ ସମସ୍ତଙ୍କ ମନରେ ଉଣା ଅଧିକେ ଆଗ୍ରହ ରହିଛି। ଜନଜାତି ଶିକ୍ଷା ସାଧନ କେନ୍ଦ୍ର ଏବଂ ସଂଗ୍ରହାଳୟ ଏଥିରେ ସହାୟତା କରିବ। ଏଠାରେ ଜନଜାତି ସମ୍ପ୍ରଦାୟ ଦ୍ୱାରା ବ୍ୟବହୃତ ଶିକାର ଉପକରଣ, ଗୃହୋପକରଣ, ମାଛଧରା ଉପକରଣ, ବାଦ୍ୟ, ଅଳଙ୍କାର, ସେମାନେ ସଂଗ୍ରହ କରୁଥିବା ଜଙ୍ଗଲଜାତ ଦ୍ରବ୍ୟ, ଡୋକ୍ରା ସାମଗ୍ରୀ, ବିଭିନ୍ନ ଜନଜାତିର ଭାଷା ଉପରେ ପର୍ଯ୍ୟବସିତ ପୁସ୍ତକ ସ୍ଥାନ ପାଇବ ବୋଲି ଜିଲା ଶିକ୍ଷାଧିକାରୀ ସୂଚନା ଦେଇଥିଲେ।

ଏହି ଅବସରରେ ଜନଜାତି ଗୋଷ୍ଠୀଙ୍କଠାରୁ ସେମାନଙ୍କ ମାତୃଭାଷାରେ ସଂଗୃହୀତ ତଥା କୋମଳମତି ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସୃଜନୀ' ଉନ୍ମୋଚିତ ହୋଇଥିଲା। ସ୍କୁଲରେ ସଂଗ୍ରହାଳୟ କରି ଶିକ୍ଷା ବିଭାଗ ପାଇଁ ପ୍ରେରଣା ସାଜିଥିବା ହିନ୍ଦୋଳ ବ୍ଲକ ପାଟଲା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଧନେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋହର ଶତପଥୀ, ଯତୀନ୍ଦ୍ର ପ୍ରସାଦ କର, ସୁବାଶିଷ ସାହୁଙ୍କ ସମେତ ଶିକ୍ଷା ବିଭାଗର ଅଧିକାରୀ, କର୍ମଚାରୀ, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## କଣିହାଁ କୋଇଲା ଖଣିର ନୂତନ ଜିଏମ୍

କଣିହାଁ, ୨୧।୨ (ଡି.ଏନ.ଏ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏମ୍‌ସିଏଲ୍‌ର ଖୋଲାମୁହଁ କୋଇଲା ଖଣିର ନୂତନ ଜିଏମ୍ ଭାବେ କିଶୋର କୁମାର ରାଉଳ ଯୋଗଦେଇଛନ୍ତି। ବିଦାୟୀ ଜିଏମ୍ ନାରାୟଣ ଦାସଙ୍କଠାରୁ ରବିବାର ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ଜମିହରା ସଙ୍ଗଠନ, କ୍ଷତିଗ୍ରସ୍ତ ପ୍ରଜା ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ନୂତନ ଜିଏମ୍ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଜନସାଧାରଣ ଜମି ଛାଡ଼ିବାରୁ କୋଇଲା ଖଣି ହୋଇଛି। ସମନ୍ୱୟ ରକ୍ଷା କରି ଜମିହରାଙ୍କ ପ୍ରାପ୍ୟ ସହ ଉତ୍ପାଦନ ବୃଦ୍ଧି ଦିଗରେ ଗୁରୁତ୍ୱ ଦେବେ। ଏଥିପୂର୍ବରୁ ରାଉଳ ତାଳଚେରସ୍ଥିତ ଏମ୍‌ସିଏଲ୍ କାର୍ଯ୍ୟାଳୟ ସହିତ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ପଦୋନ୍ନତି ପାଇଛନ୍ତି।



## ସଂକ୍ଷେପରେ

### ଅଷ୍ଟ ପ୍ରହର ନାମଯଜ୍ଞ



ଭୁବନ, ୨୧।୨(ଡି.ଏନ.ଏ.): ଭୁବନ ବଡ଼ହାଟରେ ୩ଦିନ ଧରି ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଞ୍ଚଳର ୧୫ଟି ସଂକୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା, ହରିନାମ ପାରାୟଣ, ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ରବିବାର ନଗର ସଂକୀର୍ତ୍ତନରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୁରୁଷୋତ୍ତମ ସାହୁ, ପଣ୍ଡିତ ବେହେରା, ଅନୁକୂଳ ପୋଥାଳ, କୈଳାସ ପାତ୍ର, ମାୟାଧର ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

### ଫାଇନାଲରେ ଏନ୍‌ଟିପିସି

କାମାକ୍ଷାନଗର, ୨୧।୨(ଡି.ଏନ.ଏ.): କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡିରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ କଟକ ସୋଲାରକୁ ହରାଇ ଅନୁଗୋଳ ଏନ୍‌ଟିପିସି ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୋଲାର ଦଳ ୧୭୯ ରନ୍ କରିଥିଲା। ଜବାବରେ ଏନଟିପିସି ୫ ଉଇକେଟ ହରାଇ ୧୮୨ ରନ ବିଜୟୀ ହୋଇଥିଲା। ୮୬ ରନ୍ କରିଥିବା ବିଜୟୀ ଦଳର ଭବାନୀଶଙ୍କର ବିଶ୍ୱାଳ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଦିବ୍ୟଜିତ୍ ସାହୁ, ସୁରେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିବାବେଳେ ଅଭୟ ବେହେରା, ଶୁକଦେବ ମହନ୍ତ ସ୍କୋରର ଥିଲେ। ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ଏନ୍‌ଟିପିସି ଏବଂ ଗୋଲକୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ନୟାଗଡ଼ ଚାମ୍ପିୟନ

ହିନ୍ଦୋଳ, ୨୧।୨ (ଡି.ଏନ.ଏ): ହିନ୍ଦୋଳ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ କଚେରି ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଅନୁଗୋଳ ଜରଡ଼ାକୁ ହରାଇ ନୟାଗଡ଼ ଏକାଦଶ ଚାମ୍ପିୟନ ହୋଇଛି। ନୟାଗଡ଼ ୨୦ ଓଭରରେ ୯ ଉଇକେଟ ହରାଇ ୨୩୧ ରନ୍ କରିଥିଲା। ଜବାବରେ ଜରଡ଼ା ୧୬୮ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ମଣ୍ଟୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଏବଂ 'ଆଲ୍‌ଫା ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ଉଭୟ ଦଳକୁ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ଦାସ, ସଂଗ୍ରାମ କେଶରୀ ଗୁରୁ ଖେଳ ପରିଚାଳନା କରିଥିବାବେଳେ ପାପୁନ ସାମନ୍ତ, ରଘୁନନ୍ଦନ ରାଜ ସ୍କୋରର ରହିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ସୁଶାନ୍ତ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଯୋରନ୍ଦା ମେଳାକୁ କରୋନା ଭୟ

ଢେଙ୍କାନାଳ ଅଫିସ, ୨୧।୨


ଯୋରନ୍ଦାସ୍ଥିତ ମହିମା ଗାଦି ମନ୍ଦିର।

- ସତର୍କ ହେଲା ଜିଲା ପ୍ରଶାସନ, ନିରାଡମ୍ବରରେ ହେବ
- ଜିଲାର ନେଗେଟିଭ୍ ରିପୋର୍ଟଧାରୀ ସନ୍ନ୍ୟାସୀଙ୍କୁ ଅନୁମତି
- ରାଜ୍ୟ ବାହାର ସାଧୁସନ୍ଥ, ଜନସମାଗମକୁ ବାରଣ

ଢେଙ୍କାନାଳ ଜିଲା ଯୋରନ୍ଦାରେ ଆୟୋଜିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ମାଘମେଳାକୁ ଘାରିଛି କରୋନା ଭୟ। ରାଜ୍ୟରେ ସଂକ୍ରମଣ ବଢ଼ିବା ଏବଂ ନୂଆ ଷ୍ଟ୍ରେନ୍ କାରଣରୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ପରିସ୍ଥିତି ବିଗିଡ଼ିବା ପୂର୍ବରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲା ତଥା ବାହାରୁ ଆସୁଥିବା ସାଧୁସନ୍ଥଙ୍କୁ ଗାଦିପୀଠକୁ ଆସିବାକୁ ବାରଣ କରାଯାଇଛି। ଏଥିସହ ସ୍ଥାନୀୟ ସାଧୁଙ୍କୁ ନିରାଡମ୍ବର ଭାବେ କାର୍ଯ୍ୟକ୍ରମ ସାରିବାକୁ ନିବେଦନ କରାଯାଇଛି।

କରୋନା ଭୟ ଯୋଗୁ ଚଳିତବର୍ଷ ମେଳା ଦିବସ କାଟଛାଣ୍ଟ କରାଯାଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ମାତ୍ର ୩ଦିନ ପାଇଁ ଅର୍ଥାତ୍ ଚଳିତମାସ ୨୫ରୁ ୨୭ ତାରିଖ ଯାଏ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ହେଲେ ଫେବୃୟାରୀରେ କରୋନା ସଂକ୍ରମଣ ମାମଲା ବଢ଼ିବା ସହ ଭୂତାଣୁର ନୂଆ ଷ୍ଟ୍ରେନ୍ ଚିନ୍ତା ବଢ଼ାଇଲାଣି। ପ୍ରସିଦ୍ଧ ମାଘମେଳାରେ ଯୋରନ୍ଦାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଭିଡ଼ ଯୋଗୁ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ରାଜ୍ୟ ବାହାରର ସାଧୁସନ୍ଥଙ୍କୁ ମହିମାଗାଦି ଯୋରନ୍ଦାକୁ ଆସିବା ଲାଗି ବାରଣ କରାଯାଇଛି। କେବଳ ଢେଙ୍କାନାଳ ଜିଲାର କରୋନା ନେଗେଟିଭ୍ ରିପୋର୍ଟ ନେଇ ଆସିଥିବା ସାଧୁସନ୍ଥଙ୍କୁ ଅନୁମତି ଦିଆଯିବ। ସୀମିତ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ପ୍ରଶାସନ। ପୂର୍ବବର୍ଷ ଭଳି ଜନସାଧାରଣଙ୍କୁ ମେଳାକୁ ଆସିବା ଉପରେ କଟକଣା ଜାରି କରାଯାଇଛି। ଗାଦି ମନ୍ଦିରରେ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ହେବ। ମନ୍ଦିରକୁ ବେଢ଼ାକୁ ଥରକେ ସର୍ବାଧିକ ୫୦ଜଣଙ୍କୁ ୧୦ ମିନିଟ ପାଇଁ ପ୍ରବେଶ ଅନୁମତି ମିଳିବ। ସେମାନେ ବାହାରିବା ପରେ ଅନ୍ୟ ୫୦ ଜଣ ଯିବେ। ମାସ୍କ ପିନ୍ଧିବା, କୋଭିଡ୍ ନିୟମ ପାଳନ କରିବାକୁ ସାଧୁସନ୍ଥଙ୍କୁ ନିବେଦନ କରିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଏଥିସହିତ ସଚେତନ ନାଗରିକ ଭାବେ ଦାୟିତ୍ୱ ତୁଲାଇବାକୁ ସେ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

## ମା' ବୁଢ଼ୀଦେଈଙ୍କ ରାଜରାଜେଶ୍ୱରୀ ବେଶ

ଢେଙ୍କାନାଳ ଅଫିସ, ୨୧।୨

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ହଳଦୀବାରି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଦେଈ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ମା'। କାର୍ଯ୍ୟକ୍ରମ ଉପଲକ୍ଷେ ଦୁଇଦିନ ଧରି ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ, ଦଣ୍ଡନୃତ୍ୟ ଆୟୋଜିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ, ଭାରତୀ ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ମଦ ଜବତ, ୨ ଗିରଫ

ରାସୋଳ, ୨୧।୨(ଡି.ଏନ.ଏ.)

ପୁରୁଣା କଟକ-ସମ୍ବଲପୁର ରାସ୍ତାର ନାଉକିଆରି ଅନ୍ଧାରୀ ପାଖରୁ ରାସୋଳ ଥାନା ପୋଲିସ ରବିବାର ୨୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ କୋଉମ ଗ୍ରାମର ମାନସ ନାଏକ, ସୀତମ ନାଏକଙ୍କୁ ଗିରଫ କରାଯାଇଛି। ପଞ୍ଚପଡ଼ାକୁ ଏହି ମଦ ଚାଲାଣ ହେଉଥିଲା। ସୂଚନା ପାଇ ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ପ୍ରଦୀପ କୁମାର ଶତପଥୀ ସଦଳବଳ ଚଢ଼ାଉ କରିଥିଲେ।

# କଲ୍ୟାଣ ମଣ୍ଡପ, ଶିଶୁ ଉଦ୍ୟାନ ଲୋକାର୍ପିତ

ଢେଙ୍କାନାଳ ଅଫିସ, ୨୧।୨

ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ କାଶିଆଡ଼ିହି ପଞ୍ଚାୟତରେ ରବିବାର କଲ୍ୟାଣ ମଣ୍ଡପ ଏବଂ ଗ୍ରାମୀଣ ଶିଶୁ ଉଦ୍ୟାନ ଲୋକାର୍ପିତ ହୋଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ସଭାରେ ଯୋଗଦେଇ ଏମ୍‌ପି କହିଲେ, ପଞ୍ଚାୟତର ଉନ୍ନତି କରିବାକୁ ହେଲେ ବିବାଦ ଛାଡ଼ିବାକୁ ପଡ଼ିବ। ଇଚ୍ଛାଶକ୍ତି ଥିଲେ ବିକାଶଧାରାକୁ ଆଗେଇ ନେଇହେବ। ଏଥିଲାଗି ସମସ୍ତଙ୍କୁ ଏକ୍ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ଜିଲା ପରିଷଦ ସଭ୍ୟା ସୁଚିତ୍ରା ପାତ୍ର, ସରପଞ୍ଚ ମିନତି ରାଉତ, ବିଡିଓ ଦାଶରଥୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ଏକ ସୋଲାର ପ୍ରକଳ୍ପ କରିବାକୁ ଏମ୍‌ପି ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ବ୍ଲକର ନିର୍ବାଚିତ ପ୍ରତିନିଧି, ଏସ୍‌ଏଚ୍‌ଜି ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ସଭାରେ ମଞ୍ଚାସୀନ ଅତିଥିମାନେ।

# ଓଡ଼ିଆ ସଂସ୍କୃତି ଅତୁଳନୀୟ

ସାତମାଇଲ, ୨୧।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ହାତୁରାସ୍ଥିତ ପରମେଶ୍ୱର ଶୈବପୀଠରେ ରବିବାର ଆଧ୍ୟାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ'ର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଭୟ ଆଚାର୍ଯ୍ୟଙ୍କ ପରିଚାଳନା ଏବଂ ଶିଶୁ ସାହିତ୍ୟିକ ସୀତାରାମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଦୁର୍ଗାଚରଣ ମିଶ୍ର, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ରବିନାରାୟଣ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ସଦସ୍ୟ ସଂଗ୍ରାମ କେଶରୀ ପୃଷ୍ଟି, ସଦସ୍ୟା ମିନତି ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ଏବଂ ସଂସ୍କୃତିର ଗରିମା ଅତୁଳନୀୟ। ଶାନ୍ତି, ସଦ୍‌ଭାବନାରେ ବାର୍ତ୍ତା ନେଇ ଏହା ସାରା ଜଗତକୁ ଆଲୋକିତ କରିଆସିଛି। ଏହାକୁ ଆଗକୁ ନେବା କାମ କବି, ଲେଖକ ଏବଂ ସାହିତ୍ୟିକଙ୍କର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନର ଶ୍ରୀ ପଞ୍ଚମୀ ସଂସ୍କରଣ ଲୋକାର୍ପିତ ହୋଇଥିଲା। କବୟିତ୍ରୀ ଅନିତା ପାଣିଙ୍କ ରଚିତ ଶ୍ରୀଗୋବିନ୍ଦ ଦାମୋଦର ସ୍ତୋତ୍ରମ୍ ପୁସ୍ତକ ବଣ୍ଟାଯାଇଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ସମ୍ମାନିତ ହୋଇଥିଲେ। ରମେଶ ସାହୁ, ହାଡ଼ିବନ୍ଧୁ ମିଶ୍ର, ମୁରାରି ପଣ୍ଡା, କରୁଣାକର ବାଇ, ସିପୁନ ଜେନା, ଫକୀର ମୋହନ ସାହୁ, କାଳୀ ଚନ୍ଦ୍ର ତ୍ରିପାଠୀ, ସରିତା ପାଟସାହାଣୀ ସ୍ୱରଚିତ କବିତା ପାଠ କରିଥିଲେ। ଦାମୋଦର ପଟ୍ଟନାୟକ, ନିମାଇଁ ଚରଣ ନାୟକ, ବିଜୟ ସେନାପତି, ଦିଲୀପ ଆଚାର୍ଯ୍ୟ, ରବିନାରାୟଣ ଶତପଥୀ, ରତିକାନ୍ତ ଗଡନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ଶ୍ରୀ ପଞ୍ଚମୀ ସଂସ୍କରଣକୁ ଲୋକାର୍ପଣ କରୁଛନ୍ତି।

# 'ମୋ ଖତ' ବିକ୍ରିକୁ ଗୁରୁତ୍ୱ ଦିଅ


ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୨୧।୨

- ୱେଲ୍‌ଥ ସେଣ୍ଟର ୧୦୦ ପ୍ରତିଶତ କାର୍ଯ୍ୟକ୍ଷମ କର
- ଫୋକସରେ ପରିମଳ, ଶୌଚାଳୟ ପରିଚାଳନା

ପ୍ରତିମାସ ୨୦ ତାରିଖକୁ ସ୍ୱଚ୍ଛ ଚର୍ଚ୍ଚା ଦିବସ ରୂପେ ପାଳନ କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତଦନୁଯାୟୀ ଶନିବାର ଢେଙ୍କାନାଳ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଛି। ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ କରିବା, ଗୋଷ୍ଠୀ ଶୌଚାଳୟ ପରିଚାଳନା, ୱେଲଥ୍ ସେଣ୍ଟରଗୁଡିକ ୧୦୦ ପ୍ରତିଶତ କାର୍ଯ୍ୟକ୍ଷମ କରିବା ଏବଂ ପ୍ରସ୍ତୁତ ମୋ ଖତ ସମ୍ପୂର୍ଣ୍ଣ ବିକ୍ରି କରିବା ଲାଗି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପରାମର୍ଶ ଦେଇଛନ୍ତି। ଏହି ଉପଲକ୍ଷେ ସହରସ୍ଥିତ ସମସ୍ତ ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଶୌଚାଳୟରେ ସବୁପ୍ରକାର ସୁବିଧା, ଜନସାଧାରଣଙ୍କୁ ଆକୃଷ୍ଟ କଲାଭଳି ଭିତ୍ତିଭୂମି ପ୍ରସ୍ତୁତ କରିବା ଲାଗି ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଚଳିତମାସ ଶେଷ ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପୃଥକ ବର୍ଜ୍ୟ ସଂଗ୍ରହ ଓ ପରିଚାଳନା, ମୋ ଖତ ଠିକ୍ ଭାବେ ବିକ୍ରି, ବ୍ୟବହାରିକ ଦେୟ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନେବାକୁ କୁହାଯାଇଛି। ପରିମଳ ରକ୍ଷଣାବେକ୍ଷଣ ଦିଗରେ ଉଦାହରଣ ସୃଷ୍ଟି କରିଥିବା ଶ୍ରେଷ୍ଠ ସ୍ୱଚ୍ଛସାଥୀ, ଶ୍ରେଷ୍ଠ ସ୍ୱଚ୍ଛ ସୁପରଭାଇଜର, ଶ୍ରେଷ୍ଠ ସ୍ୱଚ୍ଛ କର୍ମୀ, ଶ୍ରେଷ୍ଠ ଟ୍ରଲି ଚାଳକ ଏବଂ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରର ସୁପରିଚାଳନା ନିମନ୍ତେ ମିଶନ ଶକ୍ତି ଗ୍ରୁପର କାର୍ଯ୍ୟ ସମୀକ୍ଷା କରି ପ୍ରୋତ୍ସାହିତ କରାଯାଇଥିଲା। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ପୌର ପରିମଳ ଦାୟିତ୍ୱରେ ଥିବା କର୍ମଚାରୀ, ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ, ଆଞ୍ଚଳିକ ମହାସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ଗଢ଼ାଗଲା ସ୍ୱଚ୍ଛତା କମିଟି

ଢେଙ୍କାନାଳ ଅଫିସ, ୨୧।୨

ଢେଙ୍କାନାଳକୁ ଆବର୍ଜନା ମୁକ୍ତ କରି ସ୍ୱଚ୍ଛ ସହର ଭାବେ ଗଢ଼ି ତୋଳିବାକୁ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ସବୁବର୍ଗର ବୁଦ୍ଧିଜୀବୀଙ୍କୁ ନେଇ ସ୍ୱଚ୍ଛତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ସ୍ୱଚ୍ଛତା ସୁଦୃଢ଼ କରିବାକୁ ସିଭିଲ ସିଟିଜେନ୍‌ଙ୍କୁ ନେଇ ଟାଉନ ସ୍ୱଚ୍ଛତା କମିଟି ଗଠନ କରାଯାଇଛି। ଉକ୍ତ କମିଟି ବର୍ଜ୍ୟ ସଂଗ୍ରହ ତଦାରଖ କରିବ। ବଜାରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ, ପୌରପାଳିକାକୁ ବ୍ୟବହାରିକ ଦେୟ ସଂଗ୍ରହରେ ଏହି କମିଟି ସହଯୋଗ କରିବ। ସମ୍ପୃକ୍ତ ସଭ୍ୟଙ୍କୁ ସ୍ୱଚ୍ଛତା ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନାମିତ କରାଯିବ। ସହର ସ୍ୱଚ୍ଛତା ଉପରେ ମତାମତ ଲୋଡ଼ିବାକୁ ସିଭିଲ ସୋସାଇଟି ସିଟିଜେନ୍‌ଙ୍କୁ ନେଇ ମାସକୁ ଥରେ ବୈଠକ କରାଯିବ। ଆସନ୍ତା ସ୍ୱଚ୍ଛତା ସର୍ବେକ୍ଷଣ-୨୦୨୧ରେ ଢେଙ୍କାନାଳ ସହର ଯେପରି ମୁଖ୍ୟମନ୍ତ୍ରୀଙ୍କ ବେଷ୍ଟ କ୍ଲିନ୍ ସିଟି ଆୱାର୍ଡ ପାଇବ ସେଥିଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

ଏହି ଅବସରରେ ସହରରୁ ବାହାରୁଥିବା ଓଦା ଏବଂ ଶୁଖିଲା ଆବର୍ଜନାର ସୁପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଛି। ସହରରେ ୫ଟି ୱେଲ୍‌ଥ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ସେଗୁଡ଼ିକର ପରିଚାଳନା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ସହର ବର୍ଜ୍ୟ ପରିଚାଳନା ଲାଗି ଅତିରିକ୍ତ ଅର୍ଥ ମଞ୍ଜୁର କରାଯିବ ନାହିଁ। ଏଥିଲାଗି ବ୍ୟବହାରିକ ଦେୟ, ସ୍ପଟ୍ ଫାଇନ ଆଦାୟ ସହିତ ଆବର୍ଜନାମୁକ୍ତ ସହର ଗଢ଼ି ତୋଳିବାକୁ ଏକ ଗେଜେଟ ନୋଟିଫିକେଶନ କରାଯାଇଛି। ଏଥିରେ ବ୍ୟବହାରିକ ଦେୟ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗତ ୬ମାସ ହେଲା ଘରୋଇ ବର୍ଜ୍ୟ ସଂଗ୍ରହ ଆରମ୍ଭ ହୋଇଛି। ଏଥିଲାଗି ଦେୟ ସଂଗ୍ରହ କରାଯାଉଛି। ସହରର ଘର ସଂଖ୍ୟା ମାତ୍ର ୩୦ ପ୍ରତିଶତ। ଦେୟ ସଂଗ୍ରହ ୧୦୦% କରିବାକୁ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରୁ ମାର୍ଚ୍ଚ ପହିଲାରୁ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ଓକିଲ ସଂଘ ସଭାପତି ଓମ୍ ପ୍ରକାଶ ଶରଣ, ସମ୍ପାଦକ ପ୍ରଦୀପ ତ୍ରିପାଠୀ, ଆଇନଜୀବୀ ମଳୟ ପାଣିଗ୍ରାହୀ, ରୋଟାରି କ୍ଲବର ବିରଞ୍ଚି ନାରାୟଣ ପାଣି, ଲାୟନ୍ସ କ୍ଲବର ଭାବଗ୍ରାହୀ ପଣ୍ଡା, ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ଉପସଭାପତି ରାଜେନ୍ଦ୍ର ଦାସ, ସମ୍ପାଦକ ବିମଳ ପୋଦ୍ଦାର, ମିଲିଟବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

